# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 September - 2024**

**News Editor : *Itishree Singh Rathaur***

---

## ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବାଲେଶ୍ୱର ଜିଲ୍ଲାର ବନ୍ୟା କ୍ଷତିଗ୍ରସ୍ତ ପାଇଁ ସହାୟତା ରାଶି ଘୋଷଣା କରିଛନ୍ତି । ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯିବା ସହ ଆଂଶିକ ଭାବେ କ୍ଷତିଗ୍ରସ୍ତ ପକ୍କା, କଚ୍ଚା ବାସଗୃହ ମରାମତି ପାଇଁ ମଧ୍ୟ ଆର୍ଥିକ ସହାୟତା ଘୋଷଣା କରାଯାଇଛି । ସେହିଭଳି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ କ୍ଷୟକ୍ଷତି ଭରଣା ନିମନ୍ତେ ଅଣ ଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୮ହଜାର ୫୦୦ ଟଙ୍କା ଯୋଗାଇ ଦିଆଯିବ । ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ହଜାର ଟଙ୍କା ଓ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ମତ୍ସ୍ୟଜୀବୀଙ୍କ କ୍ଷତିଗ୍ରସ୍ତ ଡଙ୍ଗା, ଜାଲ, ଯାଆଁଳ ଚାଷର କ୍ଷତି ପାଇଁ ମଧ୍ୟ ଆର୍ଥିକ ସହାୟତା ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନା ଅନୁସାରେ ଜିଲ୍ଲାରେ ବନ୍ୟା ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ଗତ ୧୮ ତାରିଖରେ ସମୀକ୍ଷା କରିଥିଲେ ।

# ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଭୁବନେଶ୍ୱର ଜୟଦେବ ଭବନରେ ଆଜି ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯିବ । ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କମିଟି ବୈଠକରେ ୪ହଜାର ୯୫୪କୋଟି ୨୬ଲକ୍ଷ ଟଙ୍କାର ୩୧ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୨୪ହଜାର ୧୬୨ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ମିଳିଥିବା ସୂଚନା ଅନୁସାରେ ଜଗତ୍‌ସିଂହପୁର, ବାଲେଶ୍ୱର, ରାୟଗଡା, ଢେଙ୍କାନାଳ, ପୁରୀ ଆଦି ଜିଲ୍ଲାରେ ଏହିସବୁ ଶିଳ୍ପ ସ୍ଥାପନ କରାଯିବ । ୪୭୫ କୋଟି ଟଙ୍କାରେ ୧୦ଲକ୍ଷ ୯ହଜାର ୫୦୦ ମେଟ୍ରିକ୍ ଟନ୍ କ୍ଷମତାର ପ୍ୟାକେଜିଂ କଣ୍ଟେନର ଗ୍ଲାସ ଉତ୍ପାଦନ କେନ୍ଦ୍ର ହେବ । ସେହିଭଳି ୨୦୦କୋଟି ଟଙ୍କା ବ୍ୟୟରେ କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟ ଏବଂ ୨୪୨ କୋଟି ଟଙ୍କା ବ୍ୟୟରେ ବାୟୋ ଏନର୍ଜି କାରଖାନା ସ୍ଥାପନ କରାଯିବ ।

## ଜିଲ୍ଲାପାଳ ମାନଙ୍କ ସମ୍ମିଳନୀ

ଭୁବନେଶ୍ୱରରେ ଆସନ୍ତା ଶୁକ୍ରବାରଠାରୁ ଦୁଇଦିନିଆ ଜିଲ୍ଲାପାଳ ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସରକାରଙ୍କ ୧୦୦ଦିନର କାର୍ଯ୍ୟକାଳ ମଧ୍ୟରେ ଜାରି ରହିଥିବା ଯୋଜନା ଓ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ବିଭାଗୀୟ କାର୍ଯ୍ୟ ପ୍ରଦର୍ଶନରେ ଅଧିକ ଉନ୍ନତି ଆଣିବାକୁ ଶ୍ରୀ ଆହୁଜା ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ବିଭିନ୍ନ ଯୋଜନାର ବାସ୍ତବ ସ୍ଥିତି ଅନୁଧ୍ୟାନ, ସମସ୍ୟାର ସମାଧାନ, ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ, ସ୍ୱାସ୍ଥ୍ୟସେବା, ପାନୀୟଜଳ, ରାସ୍ତା ଭଳି ଅତ୍ୟାବଶ୍ୟକ ସେବାର ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସେହିଭଳି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସ୍ୱତନ୍ତ୍ର ସହାୟତା ପାଣ୍ଠି ଅନୁଦାନର ବିନିଯୋଗ ସ୍ଥିତି ଓ ପ୍ରସ୍ତାବ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

## ସୁରମା ପାଢ଼ୀ–ନୂଆଦିଲ୍ଲୀ ଗସ୍ତ

ସାରା ବିଶ୍ୱ ୨୦୩୦ ମସିହା ସୁଦ୍ଧା ନିରନ୍ତର ଓ ସାମଗ୍ରିକ ବିକାଶ ଲକ୍ଷ୍ୟ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛି । ଏ କ୍ଷେତ୍ରରେ ଜନପ୍ରତିନିଧିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡ଼ିଶା

ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ନୂଆଦିଲ୍ଲୀରେ ସଂସଦରେ ଅନୁଷ୍ଠିତ ଦଶମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପାଢ଼ି କହିଛନ୍ତି ଆଗକୁ ପରିବେଶ ସୁରକ୍ଷା ଓ ସନ୍ତୁଳନ ଦିଗରେ କାର୍ଯ୍ୟ କରିବାକୁ ହେବ । ଡିଜିଟାଲ ରୂପାନ୍ତରରଣ ମାଧ୍ୟମରେ ଏହା ଅଧିକ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ସମେତ ଅନ୍ୟ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତିମାନେ ଯୋଗ ଦେଇଥିଲେ । ନୂଆଦିଲ୍ଲୀ ଗସ୍ତ ଅବସରରେ ଶ୍ରୀମତୀ ପାଢ଼ୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ ଜିଲ୍ଲା ଗସ୍ତରେ ଯାଇ ବିଭାଗ ପକ୍ଷରୁ ପରିଚାଳିତ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରିଛନ୍ତି । ବିଶେଷକରି ଜମିର ହାଇଟେକ୍ ସର୍ବେକ୍ଷଣ ନେଇ ଉପୁଜୁଥିବା ସମସ୍ୟା, ବସୁନ୍ଧରା ଯୋଜନାର ସର୍ବେକ୍ଷଣ କାର୍ଯ୍ୟ ଶେଷ କରି ଘରଡିହ ନଥିବା ପରିବାରମାନଙ୍କୁ ପଟ୍ଟା ଯୋଗାଇବା, ରେଙ୍ଗାଲି ପ୍ରକଳ୍ପ ଦ୍ୱାରା ବିସ୍ଥାପିତଙ୍କୁ କ୍ଷତିପୂରଣ ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ସମୟରେ ମନ୍ତ୍ରୀ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ

ସ୍ଥାୟୀ ଜମିପଟା ଯୋଗାଇଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଏଏସ୍ଆଇ ସର୍ଭେ

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ନୂଆଦିଲ୍ଲୀରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ଡକ୍ଟର ଯଦୁବୀର ସିଂହ ରାଓ୍ୱତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ଏହି ଅବସରରେ ରତ୍ନ ଭଣ୍ଡାରର ମରାମତି, ପୁନରୁଦ୍ଧାର ଏବଂ ସଂରକ୍ଷଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସେ ଶ୍ରୀ ରାଓ୍ୱତଙ୍କୁ ଅନୁରୋଧ କରିଛନ୍ତି ।

## ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ର

ରାଜ୍ୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଷାଣ୍ମାସିକ ପରୀକ୍ଷା ପାଇଁ ବିଦ୍ୟାଳୟସ୍ତରରେ ପ୍ରଧାନଶିକ୍ଷକମାନେ ପ୍ରଶ୍ନପତ୍ରର ବ୍ୟବସ୍ଥା କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି । ଧାର୍ଯ୍ୟ ପାଠ୍ୟଖସଡା ଆଧାରରେ ପ୍ରଶ୍ନପତ୍ରର ବ୍ୟବସ୍ଥା କରିବାକୁ ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ପତ୍ର ଲେଖାଯାଇଛି । ସୂଚନା ଅନୁସାରେ ଚଳିତବର୍ଷ ପ୍ରାୟ ୬ଲକ୍ଷ ଛାତ୍ରଛାତ୍ରୀ ମେଟ୍ରିକ ପରୀକ୍ଷା ଦେବେ । ତେବେ ପରିଷଦ ପକ୍ଷରୁ ଷାଣ୍ମାସିକ ପରୀକ୍ଷା ପାଇଁ ପ୍ରଶ୍ନପତ୍ରର ବ୍ୟବସ୍ଥା କରାଯିବ ନାହିଁ ବୋଲି ପରିଷଦ ସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି ।